# NATIONAL NEWS BULLETIN (ODIA)

## 2 March- 2025

## Mid Bulletin : 1.50 p.m.

---

## ମୁଖ୍ୟ ସମ୍ବାଦ

- ଗୁଜୁରାଟର ଭନ୍ତାରାସ୍ଥିତ ପ୍ରାଣୀ ଉଦ୍ୟାନ ଏବଂ ଥଇଥାନ କେନ୍ଦ୍ର ପରିଦର୍ଶନ କଲେ ପ୍ରଧାନମନ୍ତ୍ରୀ ।

- ଇପିଆଇସି ନମ୍ବର ସମାନ ରହିଥିଲେ ମଧ୍ୟ ମତଦାତା ନକଲି ନୁହଁନ୍ତି ବୋଲି ସ୍ପଷ୍ଟ କଲେ ନିର୍ବାଚନ ଆୟୋଗ ।

- ଜନସାଧାରଣଙ୍କ ଅଭିଯୋଗର ପ୍ରଭାବଶାଳୀ ସମାଧାନ ଦିଗରେ କାର୍ଯ୍ୟ କରିବାକୁ ଜାମ୍ମୁକାଶ୍ମୀର ବିଜେପି ବିଧାୟକଙ୍କୁ ପରାମର୍ଶ ଦେଲେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ।

- ରମ୍‌ଜାନ ମାସ ପାଳନ ଅବସରରେ ଗାଜାରେ ଅସ୍ଥାୟୀ ଅସ୍ତ୍ରବିରତି ପ୍ରସ୍ତାବ ନେଇ ସମ୍ମତି ପ୍ରଦାନ କରିଛି ଇସ୍ରାଏଲ ।

ଏବଂ

- ଆଇ.ସି.ସି. ଚାମ୍ପିୟନ୍ସ ଟ୍ରଫି କ୍ରିକେଟ୍ ପ୍ରତିଯୋଗିତାରେ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଆଉ ଅଳ୍ପସମୟ ମଧ୍ୟରେ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ହେବ ମୁକାବିଲା ।

# ପିଏମ୍-ଗୁଜୁରାଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁଜୁରାଟର ଜାମନଗର ଜିଲ୍ଲାର ଭନ୍ତାରାସ୍ଥିତ ପ୍ରାଣୀଉଦ୍ଧାର ଓ ଥଇଥାନ କେନ୍ଦ୍ର ପରିଦର୍ଶନ କରିଛନ୍ତି । ପାଖାପାଖି ୩ ହଜାର ଏକର ପରିମିତ ଅଞ୍ଚଳରେ  ପ୍ରତିଷ୍ଠା ହୋଇଥିବା ଏହି କେନ୍ଦ୍ର ପ୍ରାଣୀସମ୍ପଦର ଉଦ୍ଧାର, ସଂରକ୍ଷଣ ଏବଂ ଥଇଥାନ ଦିଗରେ କାର୍ଯ୍ୟ କରିଥାଏ । ୩ଦିନିଆ ଗୁଜୁରାଟ ଗସ୍ତରେ ଯାଇ ପ୍ରଧାନମନ୍ତ୍ରୀ ଗତ ସଂଧ୍ୟାରେ ଜାମନଗରରେ ପହଞ୍ଚିଥିଲେ । ଶ୍ରୀ ମୋଦୀ ଆଜି ସୋମନାଥ ମନ୍ଦିରରେ ପୂଜାର୍ଚ୍ଚନା କରିବାର କାର୍ଯ୍ୟସୂଚୀ ରହିଛି । ସେଠାରୁ ସେ ଗିର୍ ଜାତୀୟ ଉଦ୍ୟାନର ମୁଖ୍ୟାଳୟ ଶାସନ ଗସ୍ତରେ ଯିବେ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସୋମନାଥ ଟ୍ରଷ୍ଟର ଅଧ୍ୟକ୍ଷ ଭାବେ ଏକ ବୈଠକରେ ମଧ୍ୟ ଯୋଗଦେବେ । ଏହି ଟ୍ରଷ୍ଟ ବିଶ୍ୱପ୍ରସିଦ୍ଧ ସୋମନାଥ ମନ୍ଦିରର ପରିଚାଳନା କାର୍ଯ୍ୟ କରିଥାଏ । ଶ୍ରୀ ମୋଦୀ ଆସନ୍ତାକାଲି ଗିର୍ ଜାତୀୟ ଉଦ୍ୟାନରେ ଜଙ୍ଗଲ ସଫାରୀ ଯାତ୍ରା କରିବେ । ଶାସନଠାରେ ମଧ୍ୟ ଜାତୀୟ ବନ୍ୟପ୍ରାଣୀ ବୋର୍ଡର ସପ୍ତମ ବୈଠକରେ ଅଧ୍ୟକ୍ଷତା କରିବେ । ବନ୍ୟପ୍ରାଣୀ ସମ୍ବନ୍ଧୀୟ ଜାତୀୟସ୍ତରୀୟ ପ୍ରସଙ୍ଗ ଉପରେ ଏହି ବୈଠକରେ ଆଲୋଚନା ହେବାର ସମ୍ଭାବନା ରହିଛି । ଦେଶରେ ବନ୍ୟଜନ୍ତୁ ଓ ଜଙ୍ଗଲର ସଂରକ୍ଷଣ ଏବଂ ବିକାଶକୁ ପ୍ରୋତ୍ସାହନ ପ୍ରଦାନ କରିବା ଦିଗରେ ଏହି ବୋର୍ଡ କାର୍ଯ୍ୟ କରିଥାଏ ।

ପ୍ରଧାନମନ୍ତ୍ରୀ ଜାତୀୟ ବନ୍ୟପ୍ରାଣୀ ବୋର୍ଡର ଅଧ୍ୟକ୍ଷ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି ।

## ଇସି-ଇପିଆଇସି

ନିର୍ବାଚନ ଆୟୋଗ କହିଛନ୍ତି ଇପିଆଇସି ନମ୍ବର ସମାନ ରହିଥିଲେ ମଧ୍ୟ, ଭୋଟର ନକଲି ବୋଲି କୁହାଯାଇ ପାରିବ ନାହିଁ । ସମାନ ଇପିଆଇସି ନମ୍ବର ଥିବା ୨ଟି ଭିନ୍ନଭିନ୍ନ ରାଜ୍ୟର ଭୋଟରଙ୍କ ପ୍ରସଙ୍ଗକୁ ନେଇ କେତେକ ଗଣମାଧ୍ୟରେ ପ୍ରଚାରିତ ଖବର ଆଧାରରେ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଏହି ସ୍ପଷ୍ଟୋକ୍ତି ପ୍ରଦାନ କରାଯାଇଛି । ଆୟୋଗ ଏ ସମ୍ପର୍କରେ ସ୍ପଷ୍ଟ କରିଛନ୍ତି ଯେ ମତଦାତା କେବଳ ନିଜ ନିର୍ବାଚନ ମଣ୍ଡଳୀର ନିର୍ଦ୍ଧାରିତ ମତଦାନ କେନ୍ଦ୍ରରେ ଭୋଟ୍ ଦେଇପାରିବେ । ଭୋଟର ତାଲିକା ଡାଟାବେସ୍‌କୁ ଇରୋନେଟ୍ ପ୍ଲାଟଫର୍ମକୁ ସ୍ଥାନାନ୍ତର ସମୟରେ ଏକ ବିକେନ୍ଦ୍ରୀକୃତ ଏବଂ ମାନୁଆଲ ବ୍ୟବସ୍ଥା ଅନୁସରଣ କରାଯାଉଥିବାରୁ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଭୋଟରଙ୍କୁ ସମାନ ଇପିଆଇସି ନମ୍ବର ଆବଣ୍ଟିତ ହୋଇଥାଏ । ତେବେ ଏ ସଂକ୍ରାନ୍ତ ଆଶଙ୍କାକୁ ଦୂରକରିବା ପାଇଁ ପଞ୍ଜିକୃତ ଭୋଟରଙ୍କୁ ଏକକ ଇପିଆଇସି ନମ୍ବର ଆବଣ୍ଟନ ସୁନିଶ୍ଚିତ କରିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ଆୟୋଗ ସୂଚନା ଦେଇଛନ୍ତି ।

# ଜେକେ-ନଡ୍ଡା

ଜନସାଧାରଣଙ୍କ ଅଭିଯୋଗରେ ପ୍ରଭାବଶାଳୀ ସମାଧାନ ଦିଗରେ କାର୍ଯ୍ୟ କରିବାକୁ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ ପ୍ରକାଶ ନଡ୍ଡା ପରାମର୍ଶ ଦେଇଛନ୍ତି । ଜାମ୍ମୁର କଟରାଠାରେ ଦଳୀୟ ବିଧାୟକଙ୍କ ଦୁଇଦିନିଆ ବିଧାୟକ ପ୍ରଶିକ୍ଷଣ ଶିବିରର ଉଦ୍‌ଯାପନୀ ଅଧିବେଶନରେ ଯୋଗଦେଇ ଶ୍ରୀ ନଡ୍ଡା ଏହା କହିଛନ୍ତି । ରାଜନୈତିକ ଚିନ୍ତାଧାରାରୁ ଊର୍ଦ୍ଧ୍ୱକୁ ଉଠି ନିର୍ବାଚନ ମଣ୍ଡଳୀର ବିକାଶକୁ ପ୍ରାଥମିକତା ଦେବା ସହିତ ଲୋକଙ୍କ ସହ ଗଭୀର ସମ୍ପର୍କ ବଜାୟ ରଖିବାକୁ ଦଳୀୟ ବିଧାୟକଙ୍କୁ ଆହ୍ୱାନ ଦେଇଛନ୍ତି । ଜନସାଧାରଣଙ୍କ ସମସ୍ୟାର ସମାଧାନ ଦିଗରେ 'ଭଲ ଶ୍ରୋତା' ହେବାକୁ ସେ ପରାମର୍ଶ ଦେଇଛନ୍ତି । ଅନୁସୂଚିତ ଜାତି ଏବଂ ଜନଜାତି ଅଞ୍ଚଳକୁ ନିୟମିତ ପରିଦର୍ଶନ କରି ସେଠାରେ ସାମଗ୍ରିକ ବିକାଶକୁ ସୁନିଶ୍ଚିତ କରିବା ଉପରେ ଶ୍ରୀ ନଡ୍ଡା ଗୁରୁତ୍ୱାରୋପ କରିଛନ୍ତି । 'କର୍ମକର୍ତ୍ତା ନିର୍ମାଣ'ର ଗୁରୁତ୍ୱ ଉପରେ ଆଲୋକପାତ କରି ଶ୍ରୀ ନଡ୍ଡା ନିର୍ବାଚିତ ପ୍ରତିନିଧି ଏବଂ ସରକାରୀ କାର୍ଯ୍ୟାଳୟ ମଧ୍ୟରେ ଉତ୍ତମ ସମ୍ପର୍କ ରଖିବାକୁ ପରାମର୍ଶ ଦେଇଛନ୍ତି । ଏହି ଅଧିବେଶନରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଯୋଗ ଦେଇଥିଲେ ।

# ରମଜାନ

ପବିତ୍ର ରମଜାନ ମାସ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏହି ମାସ ସମାଜରେ ଶାନ୍ତି ଓ ସୌହାର୍ଦ୍ଦ୍ୟ ଆଣିଦେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି ରମଜାନ ମାସ କୃତଜ୍ଞତା ଓ ଭକ୍ତିର ପ୍ରତୀକ ଏବଂ ଏହା ଦେଶବାସୀଙ୍କୁ କରୁଣା, ଦୟା ଓ ସେବାର ମୂଲ୍ୟବୋଧ ବିଷୟରେ ମନେ ପକାଇଥାଏ ।

ସୂଚନାଯୋଗ୍ୟ  ସମଗ୍ର ଦେଶରେ ଆଜିଠାରୁ ପବିତ୍ର ରମଜାନ ମାସ ଆରମ୍ଭ ହୋଇଛି । ଗତ ଶୁକ୍ରବାର ଦିନ ଚନ୍ଦ୍ର ଦୃଶ୍ୟମାନ ହୋଇ ନ ଥିବାରୁ ମୁସଲମାନ ଭାଇଭଉଣୀମାନେ ଆଜିଠାରୁ ରମ୍‌ଜାନ ପାଳନ ଆରମ୍ଭ କରିଛନ୍ତି । ଏହି ମାସରେ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ମୁସଲମାନ ସମ୍ପ୍ରଦାୟଙ୍କ ପକ୍ଷରୁ 'ତ୍ରୱି' ପ୍ରାର୍ଥନା ଅନୁଷ୍ଠିତ ହେବ । ଇଦ୍-ଉଲ୍-ଫିତର୍ ପର୍ବ ପାଳନ ଅବସରରେ ରମ୍‌ଜାନ ମାସ ଶେଷ ହେବ । ଉପସାଗରୀୟ ଦେଶଗୁଡ଼ିକରେ ଗତକାଲିଠାରୁ ରମ୍‌ଜାନ ମାସ ଆରମ୍ଭ ହୋଇଛି ।

ବାଂଲାଦେଶରେ ମଧ୍ୟ ଆଜିଠାରୁ ରମଜାନ ମାସ ଆରମ୍ଭ ହୋଇଛି । ସେଠାରେ ରମଜାନ୍‌କୁ ରାମଦାନ ମଧ୍ୟ କୁହାଯାଏ । ଇସଲମିକ କ୍ୟାଲେଣ୍ଡରରେ ଏହି ମାସ ୯ମ ମାସ ଭାବରେ ପରିଗଣିତ ହୋଇଥାଏ । ସେଠାରେ ସମସ୍ତ ସରକାରୀ ଏବଂ ବେସରକାରୀ କାର୍ଯ୍ୟାଳୟରେ ଏହି ଅବସରରେ ନୂତନ କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯିବାର ପରମ୍ପରା ରହିଛି ।

# ଗାଜା-ସିଜ୍‌ଫାୟାର

ରମଜାନ ମାସ ପାଳନ ଅବସରରେ ଗାଜାରେ ଅସ୍ଥାୟୀ ଅସ୍ତ୍ରବିରତି ପ୍ରସ୍ତାବରେ ଇସ୍ରାଏଲ ସମ୍ମତି ପ୍ରଦାନ କରିଛି । ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାତି କରାଯାଇଥିବା ବିବୃତ୍ତି ଅନୁଯାୟୀ ଅସ୍ତ୍ରବିରତି ଅବଧି ବୃଦ୍ଧି ପାଇଁ ଆମେରିକାର ରାଷ୍ଟ୍ରଦୂତ ଷ୍ଟିଭ୍ ଓ୍ୱିଟ୍‌କଫ୍‌ସଙ୍କ ଚିନ୍ତାଧାରାକୁ କାର୍ଯ୍ୟକାରୀ କରିବାକୁ ଇସ୍ରାଏଲ ସମ୍ମତ ହୋଇଛି । ଅସ୍ତ୍ରବିରତିର ପ୍ରଥମ ପର୍ଯ୍ୟାୟର ଅବଧି ଗତକାଲି ଶେଷ ହେଇଥିବା ବେଳେ ଇସ୍ରାଏଲ ଏଭଳି ନିଷ୍ପତ୍ତି ଗ୍ରହଣ କରିଛି । ହମାସ୍ ଏହି ପ୍ରସ୍ତାବରେ ସମ୍ମତି ପ୍ରଦାନ ଆଧାରରେ ହିଁ ଇସ୍ରାଏଲ ପରବର୍ତ୍ତୀ ଆଲୋଚନା କରିବାକୁ ପ୍ରସ୍ତୁତ ଅଛି ବୋଲି ନେତାନ୍ୟାହୁଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ।  ଅସ୍ତ୍ରବିରତି ପରିପ୍ରେକ୍ଷୀରେ ଅବଶିଷ୍ଟ ପଣବନ୍ଦୀ ଏବଂ କଏଦୀଙ୍କୁ ଉଭୟ ପକ୍ଷରୁ ମୁକ୍ତ କରାଯିବା ନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଆଶା କରାଯାଉଛି । ସୂଚନାଯୋଗ୍ୟ ପ୍ରଥମ ପର୍ଯ୍ୟାୟ ଅବଧି ବୃଦ୍ଧି ପାଇଁ ଇସ୍ରାଏଲର ପ୍ରସ୍ତାବକୁ ହମାସ ଗତକାଲି ପ୍ରତ୍ୟାଖାନ କରିଥିଲା । ଇଜିପ୍ଟର କାଇରୋରେ ଅସ୍ତ୍ରବିରତି ନେଇ ଆଲୋଚନା ଜାରି ରହିଥିଲେ ମଧ କୌଣସି ନିଷ୍କର୍ସ ଏପର୍ଯ୍ୟନ୍ତ ବାହାରି ପାରି ନାହିଁ । ପ୍ରଥମ ପର୍ଯ୍ୟାୟ ଅସ୍ତ୍ରବିରତି ଜାନୁଆରୀ ୧୯ ତାରିଖରୁ ଆରମ୍ଭ ହୋଇଥିଲା ।

ଇତିମଧ୍ୟରେ ଇସ୍ରାଏଲ ପକ୍ଷରୁ ୧ହଜାର ୯୦୦ ପାଲେଷ୍ଟାଇନ୍ ବନ୍ଦୀଙ୍କ ବଦଳରେ ହମାସ ୩୩ଜଣ ଇସ୍ରାଏଲ ପଣବନ୍ଦୀଙ୍କୁ ମୁକ୍ତ କରିଛି ।

## ହରିୟାଣା ପୁଲିଂ

ହରିୟାଣାରେ ସ୍ଥାନୀୟ ଅଞ୍ଚଳ ପରିଷଦ ଗୁଡ଼ିକ ପାଇଁ ମତଦାନ ପ୍ରକ୍ରିୟା ଜାରି ରହିଛି । ସକାଳ ୮ଟାରୁ ଆରମ୍ଭ ହୋଇଥିବା ମତଦାନ ସଂଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ । କେନ୍ଦ୍ରମନ୍ତ୍ରୀ ମନୋହରଲାଲ ଏହି ନିର୍ବାଚନ ପ୍ରକ୍ରିୟାରେ ଅଧିକରୁ ଅଧିକ ଅଂଶଗ୍ରହଣ କରିବାକୁ ହରିୟାଣା ବାସୀଙ୍କୁ ଆହ୍ୱାନ ଦେଇଛନ୍ତି । ମଧ୍ୟାହ୍ନ ସୁଦ୍ଧା ବିଭିନ୍ନ ଅଞ୍ଚଳରେ ୧୯ରୁ ୩୫ ପ୍ରତିଶତ ମତଦାନ ହୋଇଥିବା ଜଣାପଡିଛି ।

## ଉତ୍ତରାଖଣ୍ଡ-ରେସ୍କ୍ୟୁ

ଉତ୍ତରାଖଣ୍ଡ ଚାମୋଲି ଜିଲ୍ଲା ଅନ୍ତର୍ଗତ ମାନା ଗାଁରେ ହିମସ୍ଖଳନ ପ୍ରଭାବିତ ବି.ଆର୍.ଓ କ୍ୟାମ୍ପ ଅଞ୍ଚଳରୁ ୫୧ଜଣ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି । ସେମାନଙ୍କ ମଧ୍ୟରୁ ଗୁରୁତର ଥିବା ୪ଜଣଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି । ତେବେ ବରଫ ଭିତରେ ପୋତି ହୋଇ ପଡିଥିବା ଅନ୍ୟ ୪ଜଣ ଶ୍ରମିକଙ୍କୁ ଉଦ୍ଧାର ପାଇଁ କାର୍ଯ୍ୟ ଜାରିରହିଛି । ଉତ୍ତରାଖଣ୍ଡ ବିପର୍ଯ୍ୟୟ ପରିଚାଳନା ସଚିବ ବିନୋଦ କୁମାର ସୁମନ ଆଜି ସକାଳୁ ଆକାଶବାଣୀ

ସମ୍ବାଦ ବିଭାଗକୁ ସୂଚନା ଦେଇ କହିଛନ୍ତି ଶ୍ରମିକଙ୍କୁ ଖୋଜିବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ଗ୍ରହଣ କରାଯାଇଛି । ପ୍ରବଳ ତୁଷାରପାତକୁ ଦୃଷ୍ଟିରେ ରଖି ଆସନ୍ତା ୩ ଦିନ ପର୍ଯ୍ୟନ୍ତ ଓଲି ଏବଂ ହର୍ଷିଲ ଯାତ୍ରା ନକରିବାକୁ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ପର୍ଯ୍ୟଟକଙ୍କୁ ଅନୁରୋଧ କରିଛନ୍ତି । ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ ଆସନ୍ତା ସପ୍ତାହରେ ଉତ୍ତରାଖଣ୍ଡରେ ପାଗ ସ୍ୱଚ୍ଛ ରହିବ । ତେବେ କେତେକ ସ୍ଥାନରେ ହାଲୁକା ବର୍ଷା ଏବଂ ତୁଷାରପାତ ହୋଇପାରେ । ସୂଚନାଯୋଗ୍ୟ ଗତ ଶୁକ୍ରବାର ସକାଳେ ମାନା ଏବଂ ବଦ୍ରିନାଥ ମଧ୍ୟରେ ଥିବା ସୀମା ସଡ଼କ ସଂଗଠନ ବି.ଆର୍.ଓ କ୍ୟାମ୍ପ ନିକଟରେ ହିମସ୍ଖଳନ ଯୋଗୁଁ ୫୫ଜଣ ଶ୍ରିକ ପୋତିହୋଇ ପଡିଥିଲେ ।

## ଆଇଏସ୍ଏଲ୍ ଫୁଟବଲ

ଇଣ୍ଡିଆନ୍ ସୁପର ଲିଗ୍ ଫୁଟବଲ ପ୍ରତିଯୋଗିତାରେ ଆଜି ବେଙ୍ଗାଲୁରୁ ଏଫ୍‌ସି ଏବଂ ଇଷ୍ଟବେଙ୍ଗଲ ମଧ୍ୟରେ ମ୍ୟାଚ୍ ଖେଳାଯିବ । କୋଲକାତାର ସର୍ଟଲେକ୍ସ ଷ୍ଟାଡିୟମଠାରେ ସଂଧ୍ୟା ସାଢ଼େ ୭ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ । ଆଇଏସ୍ଏଲ୍ ପ୍ରତିଯୋଗିତାର ଇତିହାସରେ ଏହି ଦୁଇଦଳ ପରସ୍ପରକୁ ୯ଥର ଭେଟିଛନ୍ତି । ଉଭୟ ୪ଥର ବିଜୟ ହାସଲ କରିଥିବାବେଳେ ଗୋଟିଏ ମ୍ୟାଚ୍ ଅମୀମାଂସୀତ ଭାବେ ଶେଷ ହୋଇଥିଲା । ବେଙ୍ଗାଲୁରୁ ଏପର୍ଯ୍ୟନ୍ତ ଖେଳିଥିବା ୨୨ଟି ମ୍ୟାଚ୍‌ରୁ ୩୭

ପଏଣ୍ଟ ହାସଲ କରିଛି । ଅନ୍ୟପକ୍ଷରେ ଇଷ୍ଟବେଙ୍ଗଲ ସମ ପରିମାଣର ମ୍ୟାଚ୍‌ରୁ ୨୭ପଏଣ୍ଟ ପାଇ ତାଲିକାର ଅଷ୍ଟମ ସ୍ଥାନରେ ରହିଛି ।

ପ୍ରତିଯୋଗିତାର ଗତକାଲିର ମ୍ୟାଚ୍ ଅମୀମାଂସିତ ଭାବେ ଶେଷ ହୋଇଛି । କୋଚିର ଜବାହରଲାଲ ନେହେରୁ ଷ୍ଟାଡିୟମଠାରେ ଗତ ରାତିରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଜାମସେନପୁର ଏଫ୍‌ସି ଏବଂ କେରଳ ବ୍ଲାଷ୍ଟର୍ସ ଏଫ୍‌ସି ପରସ୍ପରକୁ ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ । କେରଳ ବ୍ଲାଷ୍ଟର୍ସ ଚଳିତ ଆଇଏସ୍‌ଏଲ୍ ସିଜିନ୍‌ର ପ୍ଲେ ଅଫ୍‌ରୁ ବାଦ୍ ପଡିଛି । ନର୍ଥ ଇଷ୍ଟ ୟୁନାଇଟେଡ୍ ଏଫ୍‌ସି ୩୨ପଏଣ୍ଟ ହାସଲ କରିଥିଲେ ମଧ୍ୟ ଖେଳିବାକୁ ଆଉ ୨ଟି ମ୍ୟାଚ୍ ବାକି ଅଛି ।

## ଚାମ୍ପିୟନ୍ସ ଟ୍ରଫି-ଭାରତ-ନ୍ୟୁଜିଲାଣ୍ଡ

ଆଇ.ସି.ସି. ଚାମ୍ପିୟନ୍ସ ଟ୍ରଫି କ୍ରିକେଟ୍ ପ୍ରତିଯୋଗିତାରେ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ଆଉ ଅଳ୍ପ ସମୟ ମଧ୍ୟରେ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଆରମ୍ଭ ହେବ । ଦୁବାଇ ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମ୍‌ଠାରେ ଏହି ମ୍ୟାଚ୍ ଭାରତୀୟ ସମୟ ଅପରାହ୍ଣ ସାଢ଼େ ୨ଟାରେ ଆରମ୍ଭ ହେବ । ଉଭୟ ଦଳ ସେମିଫାଇନାଲ୍ ପର୍ଯ୍ୟାୟରେ ପହଞ୍ଚି ସାରିଛନ୍ତି । ତେବେ ଗ୍ରୁପ୍ ପର୍ଯ୍ୟାୟ ତାଲିକାରେ ଶୀର୍ଷ ସ୍ଥାନ ହାସଲ କରିବାରେ ଉଭୟ ଦଳ ଚେଷ୍ଟା କରିବେ । ବିଜୟୀ ଦଳ ଆସନ୍ତା ମଙ୍ଗଳବାର ଦିନ ସେମିଫାଇନାଲ୍‌ରେ ଅଷ୍ଟ୍ରେଲିଆକୁ ଭେଟିବ ।

ଅନ୍ୟପକ୍ଷରେ ବୁଧବାର ଦିନ ଦକ୍ଷିଣ ଆଫ୍ରିକା ଏବଂ ଆଜି ମ୍ୟାଚ୍‌ରେ ହାରିଥିବା ଦଳ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ୍ ମୁକାବିଲା ହେବ । ଦକ୍ଷିଣ ଆଫ୍ରିକା ସେମିଫାଇନାଲ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । କରାଚିଠାରେ ଗତକାଲି ଖେଳାଯାଇଥିବା ମ୍ୟାଚ୍‌ରେ ଦକ୍ଷିଣ ଆପ୍ରିକା ଇଂଲଣ୍ଡକୁ ୭ ୱିକେଟ୍‌ରେ ପରାସ୍ତ କରିଛି । ଗ୍ରୁପ୍-ବି' ପର୍ଯ୍ୟାୟ ତାଲିକାରେ ଦକ୍ଷିଣ ଆଫ୍ରିକା ଶୀର୍ଷ ସ୍ଥାନରେ ପହଞ୍ଚିଥିବାବେଳେ ଦ୍ୱିତୀୟ ସ୍ଥାନରେ ଅଷ୍ଟ୍ରେଲିଆ ରହିଛି । ଭାରତ, ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା ଏବଂ ଅଷ୍ଟ୍ରେଲିଆକୁ ନେଇ ଆଇ.ସି.ସି. ଚାମ୍ପିୟନ୍ସ ଟ୍ରଫି ସେମିଫାଇନାଲ୍ ଖେଳାଯିବ ।